# ଓଡ଼ିଶା ସାହିତ୍ୟ ଏକାଡେମୀ ସମାଚାର

ODISHA SAHITYA AKADEMI SAMACHAR

49th Issue : April-June 2017 | ସଂଖ୍ୟା ୪୯ : ଅପ୍ରେଲ-ଜୁନ ୨୦୧୭


## କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଓ ଓଡ଼ିଆ କାବ୍ୟ ସାହିତ୍ୟ ଆଲୋଚନାଚକ୍ର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ପାନ୍ଥନିବାସର କଳିଙ୍ଗ ସଭାଗୃହଠାରେ ତା ୨୮.୫.୧୭ରିଖରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଓଡ଼ିଆ କାବ୍ୟ ସାହିତ୍ୟ ବିଷୟରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବ ଉକ୍ତ ଦିନ ପୂର୍ବାହ୍ନ ୯ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟକ ଭାବେ ଯୋଗଦାନ କରି କହିଲେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର, ପ୍ରସାର ଓ ଗବେଷଣାକୁ ସୁଦୂର ପ୍ରସାରି କରିବା ଉଦ୍ଦେଶ୍ୟରେ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଓଡ଼ିଆ ଚେୟାର ପ୍ରତିଷ୍ଠା କରିବାର ଯୋଜନା କରିଛନ୍ତି ରାଜ୍ୟ ସରକାର। ସେହି ଅନୁସାରେ କିଛି ସ୍ଥାନରେ ଏହି ଚେୟାର ପ୍ରତିଷ୍ଠା ହୋଇଥିବା ବେଳେ ଏବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଭଞ୍ଜ ଚେୟାର। ଏହି ଚେୟାରର ନାମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ କରିବାକୁ ସରକାର ଯୋଜନା କରିଛନ୍ତି। ଏହା ହେଲେ କେବଳ ଭଞ୍ଜ ସାହିତ୍ୟ ବା ଭଞ୍ଜ ସାହିତ୍ୟ ନୁହେଁ ବରଂ ଓଡ଼ିଆ ସାହିତ୍ୟ ଆହୁରି ବିସ୍ତାରିତ ହେବ । ଏଥିସହ ରାଜ୍ୟସ୍ତରରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀକୁ ମହା ସମାରୋହରେ ପାଳନ କରାଯାଇ ପାରିବ। ଏହା ଭଞ୍ଜଙ୍କ ଜନ୍ମସ୍ଥାନରେ ପାଳିତ ହେବା ସହ ଭୁବନେଶ୍ୱରରେ ବି ପାଳନ କରାଯାଇ ପାରିବ। ଏଥିସହିତ ତାଙ୍କ ଜନ୍ମ ତାରିଖକୁ ନିରୂପଣ କରିବା ଦରକାର । କାରଣ ବିଭିନ୍ନ ସମୟରେ ବିଭିନ୍ନ ସାହିତ୍ୟିକ ଐତିହାସିକଙ୍କ ଭିନ୍ନ ଭିନ୍ନ ମତ ଆମକୁ ଦ୍ୱନ୍ଦ୍ୱରେ ପକାଉଅଛି । ଏହି ଅଧିବେଶନରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ

(୪ର୍ଥ ପୃଷ୍ଠା ଦେଖନ୍ତୁ)

## ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ, ସୁରେନ୍ଦ୍ର ମେମୋରିଆଲ କ୍ଲବ ଓ କଥା ସମ୍ରାଟ ସୁରେନ୍ଦ୍ର ମେମୋରିଆଲ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଲବ୍ଧ ପ୍ରତିଷ୍ଠ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୧.୬.୧୭ରିଖ ଅପରାହ୍ନ ୫ ଘଣ୍ଟା ସମୟରେ ଔପନ୍ୟାସିକଙ୍କ ଜନ୍ମପୀଠ କଟକ ଜିଲ୍ଲା ପୁରୁଷୋତ୍ତମପୁରସ୍ଥ ଶରଧାବାଲି ପଡ଼ିଆଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। କଥାସମ୍ରାଟ ସୁରେନ୍ଦ୍ର ମେମୋରିଆଲ ଟ୍ରଷ୍ଟର ଅଧକ୍ଷା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ, ଡକ୍ଟର ଗିରିଶ ଚନ୍ଦ୍ର ସାହୁ ସମ୍ମାନନୀୟ ଅତିଥି ଭାବେ ଓ ପ୍ରଫେସର ବିଭୂତି ଭୂଷଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସୁରେନ୍ଦ୍ର ମହାନ୍ତିଙ୍କ ବହୁମୁଖୀ ସୃଜନଶୀଳ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ଆଭିମୁଖ୍ୟ, ନୂତନ ଚିନ୍ତାଧାରା ଓ ନୂତନ ଶୈଳୀର ଆବେଗରେ ସୁରେନ୍ଦ୍ର ମହାନ୍ତି ତାଙ୍କର ସାରସ୍ୱତର ସୃଷ୍ଟିକୁ ଋଦ୍ଧିମନ୍ତ ଓ ମହିମା ମଣ୍ଡିତ କରିଥିବା ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।

# ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା




ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଡକ୍ଟର ଗୋପୀନାଥ ମହାନ୍ତିଙ୍କ ୧୦୩ ପୁଣ୍ୟ ଜନ୍ମ ତିଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୋପୀନାଥ ଇଣ୍ଟରନ୍ୟାସନାଲ ସହଯୋଗରେ ୨୬ତମ ଡକ୍ଟର ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ତା ୨୦.୪.୧୭ରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପ୍ରଫେସର ଉଦୟନାରାୟଣ ସିଂହ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରୀ ସିଂହ ଟ୍ରେଜର ଅଫ୍ ଟ୍ରାଙ୍କୁଲିଟି ବିଷୟରେ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଲେ, ଗୋପୀନାଥଙ୍କ ଉପନ୍ୟାସରେ ସାଧାରଣ ମଣିଷର ଭାଷା ଥିଲା ଯାହାକୁ ପଢ଼ିଲେ ସମାଜର ଅତି ତଳସ୍ତରର ମଣିଷ ଆନନ୍ଦିତ ହେଉଥିଲା। ଆହୁରି ମଧ ତାଙ୍କ ଉପନ୍ୟାସରେ ବିଶ୍ୱ ସଭ୍ୟତା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳୁଥିଲା। ଏହି ଅବସରରେ ଶ୍ରୀ ସିଂହ ସାରା ବିଶ୍ୱର ଶିକ୍ଷା, ସାମାଜିକ ବ୍ୟବସ୍ଥା ଓ ସମାଜରେ କିପରି ଦିନକୁ ଦିନ ପରିବର୍ତ୍ତନ ଘଟିଚାଲିଛି ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଭାଷା ବିଜ୍ଞାନୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦାନ କରି କହିଲେ ତାଙ୍କ ଉପନ୍ୟାସରେ ଆଦିବାସୀଙ୍କଠାରୁ ଆରମ୍ଭ କରି ସମାଜର ବହୁ ନିମ୍ନ ସ୍ତରର ଲୋକଙ୍କ କଥା ବର୍ଣ୍ଣିତ ହେଉଥିଲା। ଯେଉଁଥିରେ ସାଧାରଣ ଲୋକଟିଏ ନିଜର ମୁହଁ ଦେଖି ପାରୁଥିଲା। ଗୋପୀନାଥ ମହାନ୍ତି ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ ଏହାକୁ ଅନୁକରଣ କରୁନଥିଲେ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଶ୍ରୀ ହରିହର ମିଶ୍ର କହିଲେ, ଗୋପୀନାଥ ମହାନ୍ତି ସମାଜର ସମସ୍ୟାକୁ ତାଙ୍କ ଲେଖା ମାଧ୍ୟମରେ ଉପସ୍ଥାପନା କରୁଥିଲେ। ମାର୍କ୍ସବାଦୀ ବ୍ୟବସ୍ଥା ମଧ୍ୟରେ ଏ ସବୁ ସମସ୍ୟାର ସମାଧାନ ସେ ଚାହୁଁଥିଲେ। ସେ ଥିଲେ ଆନନ୍ଦର ଅକ୍ଷୟ ଭଣ୍ଡାର।

ଟ୍ରଷ୍ଟର ଅଧ୍ୟକ୍ଷ ଓଁକାର ନାଥ ମହାନ୍ତି କହିଲେ ଗୋପୀନାଥ ମହାନ୍ତିଙ୍କ ଲେଖା କେବଳ ତାଙ୍କର ପରିବାର ନୁହେଁ ତାହା ଥିଲା ସମଗ୍ର ସମାଜର। ତାଙ୍କ ଲେଖାଗୁଡ଼ିକର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଟ୍ରଷ୍ଟର ସମ୍ପାଦକ ଅମୃତନାଥ ମହାନ୍ତି ଏ ଅବସରରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଧନ୍ୟବାଦ ଦେଇଥିଲେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ।

# ଗ୍ରୀଷ୍ମ ଉତ୍ସବ-୨୦୧୭

ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବରଗଡ଼ସ୍ଥ ଅନ୍ନପୂର୍ଣ୍ଣା ପ୍ୟାଲେସ ସଭାଗୃହଠାରେ ତା ୨୧.୫.୧୭ରିଖରେ ଗ୍ରୀଷ୍ମ ଉତ୍ସବ-୨୦୧୭ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବର ଉଦ୍‌ଘାଟନୀ ଅଧିବେଶନ ଉକ୍ତ ଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୟନଶିଳ୍ପ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭାର ମାନ୍ୟବର ସାଂସଦ ଶ୍ରୀ




ପ୍ରସନ୍ନ ଆଚାର୍ଯ୍ୟ ଓ ଲୋକସଭାର ମାନ୍ୟବର ସାଂସଦ ଡକ୍ଟର ପ୍ରଭାସ କୁମାର ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ମାନ୍ୟବର ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ, ଶ୍ରୀ ଦେବେଶ ଆଚାର୍ଯ୍ୟ ଓ ଶ୍ରୀ ସୁବଳ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗ୍ରୀଷ୍ମ ଉତ୍ସବ ଅବସରରେ ଉକ୍ତ ଦିନ ପୂର୍ବାହ୍ଣ ୧୧.୩୦ ଘଣ୍ଟା ସମୟରେ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ୫୦ ରୁ ଉର୍ଦ୍ଧ୍ୱ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ଏହି କବିତା ପାଠ ଅଧିବେଶନରେ ଡକ୍ଟର ପ୍ରଦୀପ କୁମାର ହୋତା ପୌରୋହିତ୍ୟ କରିବା ସହିତ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ଶ୍ରୀ ଦିବ୍ୟ କିଶୋର ଦେବତା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଡାକ୍ତର ଶୁଭେନ୍ଦୁ ସୁଧା ଷଡ଼ଙ୍ଗୀ ଓ ଶ୍ରୀମତୀ ମାନିନୀ ମିଶ୍ର।

# କବି ଅନନ୍ତ ପଟ୍ଟନାୟକଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୬.୧୭ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଓଡ଼ିଶା ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସୁସାହିତ୍ୟିକା ଡକ୍ଟର ଅପର୍ଣ୍ଣା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ମାନନୀୟ ଅତିଥି ଭାବରେ ଶ୍ରୀ ସୌରୀବନ୍ଧୁ କର ଯୋଗ ଦେଇ କହିଲେ, ସଂଘର୍ଷ ଓ ସଂଗ୍ରାମରୁ ସାହିତ୍ୟ ଜନ୍ମ ନିଏ। ଦିଗହରା ସମାଜକୁ ବାଟ ଦେଖାଏ । ଆତଙ୍କବାଦକୁ ରୋକିବାରେ ବି ସାହିତ୍ୟ ପ୍ରମୁଖ ଭୂମିକା ନେଇପାରେ। ସେ ଏକଥା ବି କହିଲେ ଯେ କବି ଅନନ୍ତ ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରବକ୍ତା। ସାମ୍ୟବାଦ ଓ ମାନବବାଦ ଚେତନାକୁ ନିଜ ଲେଖାରେ ପ୍ରତିଫଳିତ କରି ବ୍ରିଟିଶ ବିରୋଧରେ ସ୍ୱର ଉତ୍ତୋଳନ ସ୍ୱରୂପ ବିପ୍ଳବର ବହ୍ନି ଜାଳିଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବରେ ଡକ୍ଟର କୁଳମଣି ଜେନା ଯୋଗଦେଇ କହିଲେ ଅନନ୍ତ ପଟ୍ଟନାୟକ ବହୁମୁଖୀ ପ୍ରତିଭାର ପ୍ରଜ୍ଞାପୁରୁଷ। କାଳଜୟୀ ସ୍ରଷ୍ଟା ଭାବେ କବି ଅନନ୍ତ ଜାତିର ଗର୍ବ ଓ ଗୌରବ। ସାହିତ୍ୟିକା ଡକ୍ଟର ଅପର୍ଣ୍ଣା ମହାନ୍ତି ସ୍ୱୀୟ ଭାଷଣରେ ଅନନ୍ତ ପଟ୍ଟନାୟକଙ୍କ ସାହିତ୍ୟ କୃତିର ପ୍ରଗାଢ଼ତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀର ଉପବିଭାଗ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜର୍ଷି ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ, ଜୟପୁର ସାହିତ୍ୟ ପରିଷଦ ଓ ଜିଲ୍ଲା ସଂସ୍କୃତି ପରିଷଦ କୋରାପୁଟଙ୍କ ମିଳିତ ସହଯୋଗରେ ସାହିତ୍ୟ ସମ୍ରାଟ ରାଜର୍ଷି ମହାରାଜା ବିକ୍ରମଦେବ ବର୍ମାଙ୍କ ୧୪୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୮.୬.୧୭ ରିଖ ଅପରାହ୍ନ ୫ ଘଣ୍ଟା ସମୟରେ ଜୟପୁର ଗାନ୍ଧିଛକସ୍ଥ ସନ୍ଧ୍ୟା ଫଙ୍କ୍ସନ ହଲଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଜୟପୁର ସାହିତ୍ୟ ପରିଷଦର ସଭାପତି ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି, ଶ୍ରୀମତୀ ଅର୍ଚ୍ଚନା ଦେଓ ସମ୍ମାନନୀୟା ଅତିଥି ଓ ଡକ୍ଟର ଗଙ୍ଗାଧର ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ବିକ୍ରମ ବର୍ମାଙ୍କ ସ୍ୱାଭିମାନୀ ସ୍ୱଜାତି ପ୍ରେମୀ ଓ ନିଷ୍ଠାପର ସାରସ୍ୱତ ସାଧନା ବିଷୟରେ ଅତିଥି ଓ ବକ୍ତା ବୃନ୍ଦ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ଓ ଶେଷରେ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।

# ସାହିତ୍ୟିକ ଚନ୍ଦ୍ରମୋହନଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେମୁଣାସ୍ଥ ଚନ୍ଦ୍ରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ୧୪୭ତମ ଜୟନ୍ତୀ ରେମୁଣାର ଶରତ ଯାତ୍ରୀନିବାସ ସଭାଗୃହରେ ତା ୬.୪.୧୭ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି। ଚନ୍ଦ୍ରମୋହନ ସାହିତ୍ୟ ପରିଷଦର ସଭାପତି ଡାକ୍ତର ଗୋପୀନାଥ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ, ସମ୍ମାନନୀୟ ବକ୍ତା ଭାବେ ଅଧ୍ୟାପକ ଅରବିନ୍ଦ ଗିରି ଏବଂ ପ୍ରଫେସର ଡକ୍ଟର ଚଣ୍ଡୀଚରଣ କର, ଡକ୍ଟର ଶ୍ରୀକାନ୍ତ ପାତ୍ର ଓ ଏକାଡେମୀର ସଦସ୍ୟ ଡକ୍ଟର ଶିରିଶ ଚନ୍ଦ୍ର ଜେନା ଯୋଗଦେଇ ଚନ୍ଦ୍ରମୋହନଙ୍କୁ ରେମୁଣା ମାଟିର ଗର୍ବ ଓ ଗୌରବ ବୋଲି ବ୍ୟକ୍ତ କରିଥିଲେ। ପରିଷଦର ସମ୍ପାଦକ ଡକ୍ଟର ନରୋତ୍ତମ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଶୈଳବାଳା ବେହେରା, କବି ରବୀନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ପାକଳ ଓ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କବିତା ପାଠ ପର୍ବରେ ତିରିଶରୁ ଊର୍ଦ୍ଧ୍ୱ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅଧିବେଶନକୁ ଦୁଷ୍ମନ୍ତ ଦାସ ଓ ପରିଷଦର ପ୍ରଫୁଲ୍ଲ ମହାପାତ୍ର ପରିଚାଳନା କରିଥିଲେ।

# କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ, ଭଦ୍ରକଙ୍କ ମିଳିତ ସହଯୋଗରେ ବାଞ୍ଛାନିଧି ମହାନ୍ତିଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଭଦ୍ରକ ବାସୁଦେବପୁରସ୍ଥ ଅଟଳବିହାରୀ ମହାବିଦ୍ୟାଳୟ ପରିସରରେ ତା ୨୦.୪.୧୭ରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦର ସଭାପତି ଡକ୍ଟର ଦୁର୍ଯ୍ୟୋଧନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ହରିଶ୍ଚନ୍ଦ୍ର ବେହେରା ବାଞ୍ଛାନିଧି ମହାନ୍ତିଙ୍କ ଜାତୀୟତାବାଦୀ କବିତା ରଚନା କ୍ଷେତ୍ରରେ ଆଲୋଚନା କରିଥିଲେ। କବି ଓ ଗବେଷକ ଡକ୍ଟର ଶଶଧର ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବାଞ୍ଛାନିଧି ମହାନ୍ତିଙ୍କୁ ସରକାରୀସ୍ତରରେ ଜାତୀୟ କବି ଭାବେ ମାନ୍ୟତା ମିଳିବା ପାଇଁ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଦୁଃଶାସନ ରାଉତ, ଡକ୍ଟର ଜୟନ୍ତ କୁମାର ଦାସ, ସାମ୍ବାଦିକ ବନମାଳି ବାରିକ ପ୍ରମୁଖ କବିଙ୍କ ସ୍ମୃତିଚାରଣ କରିଥିଲେ । ସ୍ମୃତି ସଂସଦ ତରଫରୁ ବାଞ୍ଛାନିଧି ସମ୍ମାନରେ ଡକ୍ଟର ହୁସେନ୍ ରବିଗାନ୍ଧିଙ୍କୁ ଭୂଷିତ କରାଯାଇଥିଲା। ଡକ୍ଟର ଗାନ୍ଧି ସ୍ୱୀୟ ଭାଷଣରେ ଇରମ ଗୁଳିକାଣ୍ଡଠାରୁ ଆରମ୍ଭ କରି ଆଜିର କବିଟିଏ କିଭଳି ଦୟନୀୟ ଅବସ୍ଥାରେ ତା' ସାଧନାକୁ ଜାରି ରଖିଛି ତାହା ନିଜର ଭାବବିହ୍ୱଳ ଛନ୍ଦରେ ସେ ମତ ରଖିଥିଲେ । ପ୍ରାରମ୍ଭରେ ଅଟଳ ବିହାରୀ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ବସନ୍ତ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନ ୨ ଘଣ୍ଟା ସମୟରେ ଜୟନ୍ତୀ ସଭାର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।

## କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଓ ଓଡ଼ିଆ କାବ୍ୟ ସାହିତ୍ୟ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦ୍ରଶେଖର ନନ୍ଦ ସଭାମୁଖ୍ୟ, ଡକ୍ଟର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି, ରଜତ କୁମାର କର ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ପ୍ରବନ୍ଧ ପାଠ କରିଥିଲେ। ଡକ୍ଟର ଶୈଳେଶ୍ୱର ନନ୍ଦ, ଡକ୍ଟର ସୁଧୀର ମହାନ୍ତି, ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା, ଆଲୋଚକ ଭାବେ ଯୋଗଦାନ କରିଥିଲେ। ଅଧିବେଶନ ଶେଷରେ ଏକାଡେମୀର ସହ-ସଚିବ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକାଡେମୀ ପ୍ରକାଶିତ ଚାରିଗୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲେଖକ ଦାଶବେନହୁରଙ୍କ ପହଲିର ଗହଲି, ଡକ୍ଟର ମନ୍ମଥ ନାଥ ପ୍ରଧାନଙ୍କ ପଲ୍ଲୀକବି କୃଷ୍ଣପ୍ରସାଦ ବେହେରା, ମହାପାତ୍ର ନୀଳମଣି ସାହୁଙ୍କ ଦ୍ୱାରା ରଚିତ ଓ ସୁପ୍ରିୟା କରଙ୍କ ଦ୍ୱାରା ଅନୁଦିତ ଅଭିଶପ୍ତ ଗନ୍ଧର୍ବର ଇଂରାଜୀ ଅନୁବାଦ ଦି' ଫଲନ ଗନ୍ଧର୍ବ ଆଣ୍ଡ ଅଦର ଷ୍ଟୋରିଜ, ଡକ୍ଟର ଧନେଶ୍ୱର ସାହୁଙ୍କ ସମ୍ପାଦିତ ହେତୁବାଦୀ ପ୍ରବନ୍ଧ ସମ୍ଭାର ପୁସ୍ତକଗୁଡ଼ିକ ଲୋକାର୍ପିତ ହୋଇଥିଲା।

## ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୨୨.୬.୧୭ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଓଡ଼ିଶା ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ଶ୍ରୀ ରାଜକିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ସାତକଡ଼ି ହୋତା ମୁଖ୍ୟଅତିଥି ଓ ଡକ୍ଟର ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିନୋଦ କାନୁନ୍‌ଗୋଙ୍କ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।

# ସଚ୍ଚି ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖୋର୍ଦ୍ଧା ସାହିତ୍ୟ ସଂସଦଙ୍କ ମିଳିତ ସହଯୋଗରେ ସୁସାହିତ୍ୟିକ ସଚ୍ଚି ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୩.୫.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଖୋର୍ଦ୍ଧାସ୍ଥ ସଂସ୍କୃତି ଭବନ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବଂଶୀଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଫନୀ ମହାନ୍ତି ମୁଖ୍ୟଅତିଥି, ଡକ୍ଟର ଦେବାଶୀଷ ପାତ୍ର ମୁଖ୍ୟବକ୍ତା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବରଦା ପ୍ରସନ୍ନ ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରି କହିଲେ, ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଚ୍ଚି ରାଉତରାୟ ହେଉଛନ୍ତି ଏକ ଅନନ୍ୟ ସାରସ୍ୱତ ଶିଳ୍ପୀ। ତାଙ୍କ ରଚିତ କବିତାଗୁଡ଼ିକ ପ୍ରଗତିବାଦୀ ଧାରାର ଅନ୍ତର୍ଭୁକ୍ତ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା। ପ୍ରଥମେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ।

# ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଳେଶ୍ୱର ଦୀନକୃଷ୍ଣ ସ୍ମୃତିପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୩.୪.୧୭ରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଜଳେଶ୍ୱର ମୁଣ୍ଡୁଣିଆସ୍ଥ ଦୀନକୃଷ୍ଣ ସ୍ମୃତି ମଣ୍ଡପ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ବିଶିଷ୍ଟ ସାହିତ୍ୟିକ ପ୍ରହ୍ଲାଦ ଚରଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଡକ୍ଟର ରମାକାନ୍ତ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପରିଷଦର ସମ୍ପାଦକ ବିପିନ୍ ବିହାରୀ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚାସୀନ ହେବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଶିବ ପ୍ରସାଦ ଅଧିକାରୀ କହିଲେ, ଭାରତ ଭୂଖଣ୍ଡରେ ରୁଷିକୂଲ୍ୟା ଓ ସୁବର୍ଣ୍ଣରେଖାକୁ ନେଇ ଓଡ଼ିଶାରେ ଯେଉଁ ନଦୀକୂଳ ସଭ୍ୟତା ଗଢ଼ି ଉଠିଛି ତାହା ପାଞ୍ଚଶହ ହଜାର ବର୍ଷର। ହେଲେ ଆମ ଓଡ଼ିଆଙ୍କ ପାଇଁ ଏହା ବିଡ଼ମ୍ବନା ଯେ, ଏହି ସର୍ବପୁରାତନ ନଦୀକୂଳ ସଭ୍ୟତା ସମ୍ପର୍କରେ ଇତିହାସ ନିରବ। ଆମ ସଭ୍ୟତା, ଆମ ଭାଷା ସାହିତ୍ୟ ସଂସ୍କୃତିକୁ ସୃଜନଶୀଳ, ବୋଧଗମ୍ୟ ଓ ଦୀର୍ଘସ୍ଥାୟୀ କରିବା ପ୍ରତି ଓଡ଼ିଆଙ୍କ ଦାୟିତ୍ୱ। ଆମକୁ ପରିଚୟ ଦେଇଥିବା ଫକୀରମୋହନ, ଉପେନ୍ଦ୍ରଭଞ୍ଜ କବି ଦୀନକୃଷ୍ଣଙ୍କ ସାହିତ୍ୟକୁ ଆମକୁ ଅଧିକ ଅନୁଶୀଳନ କରିବାକୁ ପଡ଼ିବ । ଅନ୍ୟତମ ଅତିଥି ଗୌତମ ବୁଦ୍ଧ ଦାସ କହିଲେ ଆଜି ଯଦି ଓଡ଼ିଆ ଭାଷାର ବିଶ୍ୱାସନୀୟତା ବଢ଼ିଛି ଓ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି ଏ ସବୁ ପଛରେ କେଉଁଠି ନା କେଉଁଠି ଭକ୍ତକବି ଦୀନକୃଷ୍ଣଙ୍କ ଅବଦାନ ପ୍ରଣୀଧାନଯୋଗ୍ୟ। ତାଙ୍କରି ଜନ୍ମ ମାଟିରେ ଏପରି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହେବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଅନ୍ୟତମ ଅତିଥି ବିଶିଷ୍ଟ ଅନୁବାଦକ ଇନ୍ଦୁଭୂଷଣ କର, କଥାକାର ଭାଗବତ ବେହେରା, କବି ବ୍ରଜେନ୍ଦ୍ର ଗିରି, ଅଧ୍ୟାପିକା କଳ୍ପନା ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଷଦର ଉପସଭାପତି ରହିମ୍ ରଞ୍ଜନ ଦେ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ରାଧାଗୋବିନ୍ଦ କୋଇଲା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସମାବର୍ତ୍ତନ ଉତ୍ସବ ସହ ବିଷୁବ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ବ୍ରଜେନ୍ଦ୍ର ଗିରିଙ୍କ ପରିଚାଳନାରେ ଡକ୍ଟର ବିଜୟ କୁମାର ମିଶ୍ର, ବିପିନ୍ ବିହାରୀ ବିଶ୍ୱାଳ, ସାମ୍ବାଦିକ ସତ୍ୟଶିବ ଦାସଙ୍କ ସହ ବହୁ ପ୍ରଥିତଯଶା କବି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସୁବଳ ଚନ୍ଦ୍ର ପରିଡ଼ା, ପ୍ରଦୀପ ମିଶ୍ର ଓ ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।

## ଭକ୍ତକବି ସାଲବେଗ ମହାପ୍ରୟାଣ ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦଙ୍କ ମିଳିତ ସହଯୋଗରେ ଭକ୍ତକବି ସାଲବେଗ ମହାପ୍ରୟାଣ ଦିବସ ଉପଲକ୍ଷେ ତା ୧୫.୪.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ପୁରୀ ବଡ଼ଦାଣ୍ଡ ବଳଗଣ୍ଡିସ୍ଥ ଭକ୍ତସାଲବେଗ ସମାଧି ପୀଠରେ ଏକ ସାରସ୍ୱତ ସଭା ଓ ନବ ନିର୍ମିତ ସମାଧି ପୀଠ ତଥା ସ୍ମାରକୀ ପାଠାଗାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ବିଧାୟକ ଶ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଓ ପୁରୀ ଲୋକସଭା ସାଂସଦ ଶ୍ରୀ ପିନାକୀ ମିଶ୍ର ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରିଥିଲେ। ଭକ୍ତ ସାଲବେଗ ଅସୁମାରୀ ଓଡ଼ିଆ ଭଜନ ଓ ଜଣାଣର ସ୍ରଷ୍ଟା ଅଟନ୍ତି। ତାଙ୍କର କାବ୍ୟାଦର୍ଶ ଓ ଜୀବନ ଦର୍ଶନ ମଧ୍ୟରେ କୌଣସି ପ୍ରଭେଦ ନଥିଲା। ସମାଜର ନାନା ରୂପକୁ ସେ ନିଜର କାବ୍ୟ କବିତା ଓ ଭଜନ ଜଣାଣ ମାଧ୍ୟମରେ ଏକତ୍ର ରଖିବାରେ ବିଶେଷ ପାରଦର୍ଶୀତା ଲାଭ କରିଥିଲେ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା।

## ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅର୍ନ୍ତଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୩୦.୦୪.୧୭ ରିଖରେ ପଣ୍ଡିତ ବିପିନ୍‌ବିହାରୀ ମିଶ୍ର, ତା ୨୮.୦୫.୧୭ ରିଖରେ ପଣ୍ଡିତ ମାନଗୋବିନ୍ଦ ମହାସୁପକାର ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ଲୋକକବି ଜଗନ୍ନାଥ ପାଣି ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୫.୪.୧୭ ରିଖି ସନ୍ଧ୍ୟା ୬ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଭଞ୍ଜ କଳାମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ପାଣି ସ୍ମୃତି ସଂସଦର ସଭାପତି ତଥା ମାନ୍ୟବର ବିଧାନସଭା ସଦସ୍ୟ ଶ୍ରୀ ଯୁଗଳକିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସୁସାହିତ୍ୟିକ ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ସାହିତ୍ୟିକ ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ ସମ୍ମାନନୀୟ ଅତିଥି ଓ ନାଟ୍ୟକାର ମନ୍ମଥ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଜଗନ୍ନାଥ ପାଣିଙ୍କ ରଚିତ ଗୀତିନାଟ୍ୟ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ବହୁ ଭାବରେ ଆଦୃତି ଲାଭ କରିଥିବା ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରେ ଏକାଡେମୀର ସଚିବ ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଏକାଡେମୀର ସହ-ସଚିବ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ବ୍ରଜନାଥ ବଡ଼ଜେନା ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ ଢେଙ୍କାନାଳ ଓ ଜିଲ୍ଲାର ସମସ୍ତ ସାରସ୍ୱତ ସଂଗଠନମାନଙ୍କ ମିଳିତ ସହଯୋଗରେ କବି ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୪.୧୭ରିଖ ପୂର୍ବାହ୍ନ ୯ ଘଣ୍ଟା ସମୟରେ ଢେଙ୍କାନାଳ ଜିଲ୍ଲା ଲେଖକ ସଭାଗୃହରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ସାରସ୍ୱତ ସଭାରେ ପ୍ରଫେସର ଧନେଶ୍ୱର ସାହୁ ପୌରୋହିତ୍ୟ କରିବା ସହିତ ଡକ୍ଟର ଉଦ୍ଧବ ଚରଣ ନାୟକ ସମ୍ମାନନୀୟ ଅତିଥି ଓ ସାହିତ୍ୟିକ ଡକ୍ଟର ଭାବାନୀ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବ୍ରଜନାଥ




ବଡ଼ଜେନାଙ୍କ ସାହିତ୍ୟ ରଚନାର ଉତ୍କର୍ଷତା ବିଷୟରେ ଆଲୋଚନା କରିବା ସହିତ ତାଙ୍କର ଗଦ୍ୟଗ୍ରନ୍ଥ 'ଚତୁରବିନୋଦ' ବହୁ ଶିଳ୍ପ-ନୈପୁଣ୍ୟର ନିଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚଖଣ୍ଡା କଳାପରିଷଦଙ୍କ ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଭୀମଭୋଇ କଳାମଣ୍ଡପ କଦମ୍ବପଡ଼ିଆ, ରେଢ଼ାଖୋଲଠାରେ ତା ୧୦.୫.୧୭ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ଦାସ ମୁଖ୍ୟଅତିଥି ଭାବ ଯୋଗଦାନ କରିଥିଲେ । ଭୀମ ଭୋଇଙ୍କ ସ୍ମୃତି ପୀଠ କନ୍ଧରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ନିମନ୍ତେ ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଛି । ଭୀମ ଭୋଇଙ୍କ ସାହିତ୍ୟର ଗବେଷଣା ପାଇଁ ଏକ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯିବାକୁ ସ୍ଥାନୀୟ ବିଧାୟକଙ୍କ ସହିତ ଆଲୋଚନା କରା ହୋଇଛି ବୋଲି ଶ୍ରୀ ଦାସ କରିଥିଲେ । ସୁସାହିତ୍ୟିକ ଡକ୍ଟର ଗୌରାଙ୍ଗ ଚରଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସନ୍ଥକବିଙ୍କ କୃତି ସମାଜ ସଂସ୍କାର ସହ ମାନବିକ ମୂଲ୍ୟବୋଧ ଆଧାରିତ ବୋଲି କହିଥିଲେ । ଅନ୍ୟତମ ବକ୍ତା ଭାବେ ଡକ୍ଟର କୁମୁଦଚନ୍ଦ୍ର ଦାଶ ଏହି ସଭାରେ ଯୋଗ ଦେଇଥିଲେ । ଏସ.ସି.ଏଫ. ଡକ୍ଟର ମାୟାଧର ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ । ସାଧୁ ମଦନ ବାବା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ସାହିତ୍ୟ ବସୁଧୈବ କୁଟୁମ୍ବକମ୍ ମନ୍ତ୍ରରେ ଆଧାରିତ ବୋଲି କହିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପରିଚାଳନା କରିଥିଲେ । ଶେଷରେ ପଞ୍ଚଖଣ୍ଡା କଳାପରିଷଦର ସଭାପତି ମହାବୀର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ସ୍ମୃତିପୀଠ କନ୍ଧରାର ଭଜନମଣ୍ଡଳୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିମ୍ ଆଓ୍ୱାର ଜାର୍ପାଙ୍କ ମିଳିତ ସହଯୋଗରେ ସାନ୍ତାଳୀ ଭାଷାର ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଏକ ସାରସ୍ୱତ ସଭା ତା ୧୦.୫.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ସଭାରେ ଓଡ଼ିଶା ବିଧାନସଭାର ମାନ୍ୟବର ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଉଦ୍‌ଘାଟକ ଭାବେ ଓ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଓଡ଼ିଶାଙ୍କ ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଆଦିମ୍ ଆଓ୍ୱାର ଜାର୍ପାର ସଭାପତି ଶ୍ରୀ କାରୁ ମୁର୍ମୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ବିଧାୟକ ଶ୍ରୀ ସୁଦାମ ମାର୍ଣ୍ଡି ବିଶିଷ୍ଟ ଅତିଥି, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀ ଅନନ୍ତ ନାରାୟଣ ଜେନା ସମ୍ମାନନୀୟ ଅତିଥି ଓ ଶ୍ରୀ ଉଦୟନାଥ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାନ୍ତାଳୀ ଭାଷା ଓ ଏଥିପାଇଁ ସୃଷ୍ଟି କରିଥିବା ଲିପିର ଆଦର ସମ୍ବନ୍ଧରେ ମତରଖିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ପରେ ସଭା ସାଙ୍ଗ ହୋଇଥିଲା । ଏହା ପରେ ଆଦିମ୍ ଆଓ୍ୱାର ଜାର୍ପାଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ଏକାଡେମୀ ପ୍ରକାଶିତ ଡକ୍ଟର ରାଜକିଶୋର ନାୟକଙ୍କ ଦ୍ୱାରା ରଚିତ ସାନ୍ତାଳୀ ଭାଷାର ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ମନୋଗ୍ରାଫର ଲୋକାର୍ପଣ କରାଯାଇଥିଲା ।

# ମାଲକାନଗିରିଠାରେ ସାହିତ୍ୟ ଆଲୋଚନା ଓ କବିତା ପାଠ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମାଲକାନଗିରିସ୍ଥ ଜିଲ୍ଲାପରିଷଦ ସଭାଗୃହରେ ତା ୨୩.୪.୧୭ରିଖରେ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଶ୍ରୀ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହାକୁ ମାଲକାନଗିରିର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ ଓ ମାନ୍ୟବର ବିଧାୟକ ଶ୍ରୀ ମାନସ ମାଡ଼କାମୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ ଭାଷାର କଳାତ୍ମକ ଉତ୍କର୍ଷତା ବିଷୟରେ ଆଲୋଚନା କରାଯାଇଥିଲା। ସଭାମୁଖ୍ୟ ଭାବେ ସୁସାହିତ୍ୟିକ ଡକ୍ଟର ସୁବାସ ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ଶ୍ରୀ ବିଜୟ ଉପାଧ୍ୟାୟ ଓ ଡକ୍ଟର ଅଜୟ କୁମାର ତ୍ରିପାଠୀ ସମ୍ପୃକ୍ତ ବିଷୟରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀ ଜଳଧର ସ୍ୱାଇଁ, ଶ୍ରୀ ରାଜେନ୍ଦ୍ର ପାଢ଼ୀ, ଶ୍ରୀ ଧନୁର୍ଜୟ ହନ୍ତାଳ, ଶ୍ରୀ ଲକ୍ଷ୍ମଣ ମାହ୍ରା, ଶ୍ରୀ ନିରଞ୍ଜନ ସ୍ୱାଇଁ ପ୍ରମୁଖ ସମ୍ମାନନୀୟ ଆଲୋଚକ ଭାବେ ଯୋଗଦାନ କରି ସମ୍ପୃକ୍ତ ବିଷୟରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଅପରାହ୍ନ ୨ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମନ୍ତ୍ରିତ ସ୍ଥାନୀୟ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତାଗୁଡ଼ିକ ପାଠ କରାଯାଇଥିଲା। ଏହି ଅଧିବେଶନରେ ସଭାମୁଖ୍ୟ ଭାବେ ଶ୍ରୀ ଚକ୍ରପାଣି ପରିଛା ଯୋଗଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଡକ୍ଟର ପ୍ରୀତିଧାରା ସାମଲ, ଶ୍ରୀ ରବି ଶତପଥୀ, ଶ୍ରୀ ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ। କବିତା ଗୁଡ଼ିକର ସଂଯୋଜନା କରିଥିଲେ ଶ୍ରୀ ବିଜୟାନନ୍ଦ ଦାସ ଓ ଶ୍ରୀ ବନବିହାରୀ ଦାଶ। ଶେଷରେ ସାହିତ୍ୟିକ ଶ୍ରୀ ରତ୍ନାକର ଦାଶ କାର୍ଯ୍ୟକ୍ରମର ଉପସଂହାର କରିଥିଲେ।

# ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ସାର୍ ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୬.୫.୧୭ ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଭଞ୍ଜ କଳାମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରିଗେଡ଼ିଅର କାମାକ୍ଷା ପ୍ରସାଦ ସିଂହଦେଓ, ସମ୍ମାନନୀୟ ଅତିଥି ଭାବେ ବିଧାୟକ କନକବର୍ଦ୍ଧନ ସିଂହଦେଓ, ବିଧାୟକ ନିତେଶ ଗଙ୍ଗଦେବ, ମୁମ୍ବାଇ କେନ୍ଦ୍ରୀୟ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ, ସମ୍ମାନନୀୟ ବକ୍ତା ଭାବେ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଯୋଗଦାନ କରି ସୁଢ଼ଳ ଦେବଙ୍କ ସ୍ମୃତି ଚାରଣ କରିଥିଲେ। ସାର୍ ବାସୁଦେବ ସୁଢ଼ଳଦେବ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ବିଶେଷ ସ୍ଥାନର ଅଧିକାରୀ ଥିଲେ। ତାଙ୍କର ଅସାଧାରଣ ପାଣ୍ଡିତ୍ୟ ପାଇଁ ସେ ଜନମାନସରେ ବହୁ ଭାବରେ ଆଦୃତ ଓ ଉଚ୍ଚ ପ୍ରଶଂସିତ। ତାଙ୍କର ଗଭୀର ସାହିତ୍ୟାନୁରାଗ, ସାରସ୍ୱତ ପୃଷ୍ଠପୋଷକତା ଓ ସଂସ୍କୃତି ପ୍ରୀତି ଫଳରେ ବହୁ ପଣ୍ଡିତ ଓ ବିଦ୍ୱାନ ବାମଣ୍ଡା ରାଜଦରବାରର ଶୋଭା ମଣ୍ଡନ କରିଥିଲେ ବୋଲି ଅତିଥି ଓ ବକ୍ତାଗଣ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଏକାଡେମୀର ସହ-ସଚିବ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୦.୦୪.୧୭ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ଡକ୍ଟର ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ତା ୩୧.୦୫.୧୭ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ଶକ୍ତି ଶଙ୍କର ମିଶ୍ର ଏବଂ ତା ୩୦.୦୬.୧୭ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ଗୋପାଳପୁରଠାରେ ସାହିତ୍ୟ ସଭା ଓ କବିତା ପାଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୋପାଳପୁର ସମୁଦ୍ରତଟସ୍ଥ ହିଲ୍‌ଭ୍ୟୁ କଟେଜଠାରେ ତା ୨୩.୬.୧୭ରିଖରେ ସାହିତ୍ୟ ସଭା ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଉକ୍ତ ଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଅଧିବେଶନକୁ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁଦର୍ଶନ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶ୍ରୀ ବିପ୍ର ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି, ଶ୍ରୀ ଦିଲ୍ଲୀପ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଶ୍ରୀ ସୁଶାନ୍ତ ଦାସ ଏହି ଅଧିବେଶନକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବିପ୍ର ଆଚାର୍ଯ୍ୟ ସ୍ୱୀୟ ଅଭିଭାଷଣରେ କହିଲେ ସାହିତ୍ୟ ବିନା ସଂସ୍କୃତି ବଞ୍ଚିବା ଅସମ୍ଭବ। ଅଧିବେଶନ ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ପ୍ରତିକ ଜନଜୀବନ ଓ ଗଳ୍ପ ସାହିତ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କାହ୍ନୁଚରଣ ପାଢ଼ୀ ଓ ଭାଗ୍ୟଲକ୍ଷ୍ମୀ ମହାରଣା ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର କବିତା ପାଠ ଅଧିବେଶନ ଅପରାହ୍ନ ୩ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ବିପିନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଡକ୍ଟର ସୌଭାଗ୍ୟ କୁମାର ମିଶ୍ର ଯୋଗଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅମିୟବାଳା ପଟ୍ଟନାୟକ ଯୋଗଦାନ କରିଥିଲେ। କବିତାଗୁଡ଼ିକର ସଂଯୋଜନା କରିଥିଲେ ଶ୍ରୀମତୀ ଅଞ୍ଜଳି ଦାସ, ଶ୍ରୀ ନୀଳକଣ୍ଠ ସାହୁ ଓ ଶ୍ରୀ ବିଦ୍ୟାଧର ଷଡ଼ଙ୍ଗୀ। ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପବିଭାଗ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନବବର୍ଷର ଅନୁଚିନ୍ତା




ଓଡ଼ିଆ ନବବର୍ଷର ଆଗମନର ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟ ସୃଷ୍ଟିକୁ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତା୮.୪.୧୭, ୯.୪.୧୭ ଓ ୧୨.୭.୧୭ରିଖରେ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ତା ୮.୪.୧୭ରିଖ ସନ୍ଧ୍ୟାରେ ଗୀତିକବି ସମାରୋହ ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ରୁ ଅଧିକ ଗୀତିକବିଙ୍କ ଦ୍ୱାରା ସ୍ୱରଚିତ ଗୀତିକବିତାଗୁଡ଼ିକ ପାଠ କରାଯାଇଥିଲା। ଏହି ଅବସରରେ ତା ୯.୪.୧୭ରିଖ ସନ୍ଧ୍ୟା ସମୟରେ ଭୁବନେଶ୍ୱରସ୍ଥ ଉତ୍କଳ ମଣ୍ଡପଠାରେ ଚିତ୍ରକଳା ଓ କବିତା ଆସର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଚିତ୍ର ଉପରେ ପର୍ଯ୍ୟବେଶିତ ବିଷୟକୁ ନେଇ କବିମାନେ ସେମାନଙ୍କର ସ୍ୱରଚିତ କବିତାଗୁଡ଼ିକ ପାଠ କରିଥିଲେ। ସେହିପରି ତା ୧୨.୪.୧୭ରିଖ ସନ୍ଧ୍ୟା ସମୟରେ ରାଜ୍ୟ ଅଭିଲେଖାଗାର ସଭାଗୃହରେ ଉପାନ୍ତ କବି ଓ କବିତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଉପାନ୍ତ ଅଞ୍ଚଳରୁ ଆମନ୍ତ୍ରିତ ହୋଇଥିବା କବିମାନଙ୍କ ଦ୍ୱାରା କବିତା ପାଠ ଓ ଆଲୋଚନା କରାଯାଇଥିଲା।

## କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୭.୬.୧୭ରିଖ ଅପରାହ୍ନ ୩.୩୦ ଘଣ୍ଟା ସମୟରେ ପୁରୀ ନିକଟସ୍ଥ ବୀରପ୍ରତାପପୁର ଶାସନ ଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀମତୀ ଶକୁନ୍ତଳା ମିଶ୍ର ସମ୍ମାନନୀୟ ଅତିଥି, ଶ୍ରୀ ଉମାକାନ୍ତ ମହାପାତ୍ର ସମ୍ମାନନୀୟ ବକ୍ତା ଓ ଡକ୍ଟର ସୁନୀଲ ରଥ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କୃପାସିନ୍ଧୁଙ୍କ ଐତିହାସିକ ତଥା ଗବେଷକ ଜୀବନ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଲୁପ୍ତ ଐତିହାସିକ ଗୌରବ ଓ ସାଂସ୍କୃତିକ ବିଭବଗୁଡ଼ିକ ଲୋକଲୋଚନକୁ ଆଣିବାରେ କୃପାସିନ୍ଧୁଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥି ଓ ବକ୍ତା ବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ଓ ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍ ପ୍ରା.ଲିଃ କଟକ-୨